# ୭୨ ତମ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ।

ଅନୁଗୋଳ ୨୬.୧ :- କୋଭିଡ ନିୟମାବଳୀ ଆଧାରରେ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ ଆଜି ଅନୁଗୋଳ ଷ୍ଟାଡିୟମଠାରେ ନିରାଡମ୍ବରଭାବେ ପାଳନ କରାଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରିକୃତ ଇସ୍ପାତ,ଖଣି ଓ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସକାଳ ୯ଘଟିକା ୧୫ ମିନିଟ ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଉପସ୍ଥିତ ଜନସାଧାରଣଂକ ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିଥିଲେ । ଆଜିର ଦିବସ ସମସ୍ତ ଭାରତୀୟଂକ ଜୀବନରେ ଏକ ସ୍ମରଣୀୟ ଦିବସ ଅଟେ । ଅନେକ ଦେଶ ତାଂକ ଦେଶରେ କେବଳ ସ୍ୱାଧୀନତା ଦିବସ ପାଳନ କରୁଥିବାବେଳେ ଆମେ ଭାରତୀୟମାନେ ସ୍ୱାଧୀନତା ଦିବସ ସହିତ ସାଧାରଣତନ୍ତ୍ର ଦିବସକୁ ଆନନ୍ଦ ଉଲ୍ଲାସର ସହିତ ପାଳନ କରୁଛେ । ଆମ ସମ୍ବିଧାନ ସାଧାରଣ ଜନତାଂକୁ ମୌଳିକ ଅଧିକାର ଓ କର୍ତ୍ତବ୍ୟ ପ୍ରଦାନ ଉପରେ ଏହାର ଶ୍ରେଷ୍ଠତା ସାବ୍ୟସ୍ତ କରିଛି । ଅନୁଗୋଳର ପବିତ୍ର ମାଟି ସଂଗ୍ରାମର ମାଟି । ସେଥିପାଇଁ ବେଠି ବେଗାରୀକୁ ବେଆଡିର କରି ୧୮୯୧ ମସିହାରେ ପ୍ରଣୟନ ହୋଇଥିବା କଳଙ୍କିତ ଅନୁଗୋଳ ରେଗୁଲେଟୋରୀ ଆକ୍ଟକୁ ସଂଗ୍ରାମୀମାନେ ବିରୋଧ କରିଥିଲେ । ୧୯୩୪ ମସିହାରେ ମହାତ୍ମାଗାନ୍ଧୀଂକର ଅନୁଗୋଳ ପଦଯାତ୍ରା ଏ ମାଟିକୁ ଧନ୍ୟ କରିଛି । ରାଜ୍ୟରେ ମହିଳା,ଶିଶୁ,ଯୁବ ବର୍ଗ,କ୍ରୀଡାବିତ୍,କୃଷକ,ନିର୍ମାଣ ଶ୍ରମିକ,ଜନଜାତି ତଥା ବୟସ୍କ ଏବଂ ଅସହାୟମାନଂକ ଜୀବନ ଜୀବିକାରେ ଆଖି ଦୃଶିଆ ପରିବର୍ତ୍ତନ ଆଣିବାରେ ସଫଳ ହୋଇଛନ୍ତି । ଦୀର୍ଘ ଏକ ବର୍ଷ ଧରି ଚାଲିଥିବା କରୋନା ମହାମାରୀ ଆମ ଦେଶ ତଥା ରାଜ୍ୟ ପାଇଁ ଅନେକ ପ୍ରତିବନ୍ଧକ ସୃଷ୍ଟି କରିଛି । ଏହା ସତ୍ତ୍ୱେ ରାଜ୍ୟ ସରକାରଂକ ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ଆମେ ଏହାକୁ ମୁକାବିଲା କରିବାରେ ସଫଳ ହୋଇପାରିଛୁ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ସମସ୍ତଂକ ପାଇଁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷରେ

ରାଜ୍ୟ ସରକାର କାର୍ଯ୍ୟ କରିଛନ୍ତି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା । ଏହି ଯୋଜନାରେ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସେବା ସୁବିଧା ଉପଲବଧ ଥିବାବେଳେ ମହିଳା ସଦସ୍ୟଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁବିଧା ରହିଛି । ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ହେବାକୁ ଥିବା ମାଟ୍ରିକ ପରିକ୍ଷାର ଫି ଛାଡ କରାଯାଇଛି । ସମ୍ପ୍ରତି ପୁଞ୍ଜିନିବେଶ କ୍ଷେତ୍ରରେ ଓଡିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଛି । ସମ୍ପ୍ରତି କୋଭିଡ ବିପର୍ଯ୍ୟୟ ସମୟରେ ରାଜ୍ୟକୁ ୧୨ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଛି । ଚଳିତ ଆର୍ଥିକ ବର୍ଷରେ ଅନୁଗୋଳ ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠିର ସୁ ବିନିଯୋଗରେ ଅନୁ-ଗୋଳ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ରେ ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ । ଏହି ଉପଲକ୍ଷେ ଜିଲ୍ଲାରେ କୋଭିଡ କାର୍ଯ୍ୟରେ ନିୟୋଜିତ ଡାକ୍ତର,ସ୍ୱାସ୍ଥ୍ୟକର୍ମୀ,ପ୍ରଶାସନିକ ଅଧିକାରୀ, ପୋଲିସ ଓ ସଫେଇ କର୍ମଚାରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ,ଡି ଆଇ ଜି(ଉତ୍ତରକେନ୍ଦ୍ରାଂଚଳ) ଡ. ସାର୍ଥକ ଷଡଙ୍ଗୀ, ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ,ସ୍ୱେଚ୍ଛାସେବୀ,ବୁଦ୍ଧିଜୀବି ଓ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

ସୌ ଦାସ ୦୨/୯/୨୦୨୧

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


ଅନୁଗୋଳ


୭୨ ତମ
ସ୍ତରୀୟ ସାଧାରଣତନ୍ତ୍ର
ସମାରୋହ
ଅନୁଗୋଳ